# Akashvani, Sambalpur

## SAMBALPURI NEWS EVENING BULLETIN

**31 August 2024- 7.02 pm- 7.12 pm.**

*********************************************

୧- ମହିଳା ଆଉ ଛୁଆମାନ୍‌କର୍ ସୁରକ୍ଷା ଦିଗେ ଥିବା ଆଇନ୍‌କେ ଅଏତ୍‌କା କ୍ରିୟାଶୀଳ କର୍‌ବାର୍ ଉପ୍‌ରେ ଜୋର୍ ଦେଲେ ପ୍ରଧାନ୍‌ମନ୍ତ୍ରୀ ।

୨- ସ୍ୱାୟତ ଶାସନ୍ ଦିବସ୍ ଅବ୍‌ସରେ ରାଜ୍ୟର୍ ୩୦ ଟା ଜିଲ୍ଲା ନ ୪ ଶହ ୮୧ ଟା ଭିନ୍ ଭିନ୍ ଉନ୍ନୟନ୍ ମୂଲକ୍ ପ୍ରକଳ୍ପର ଲୋକାର୍ପଣ୍ ଆର୍ ଭିତିପ୍ରସ୍ତର୍ ଥାପ୍‌ନା କଲେ ମୁଖ୍ୟମନ୍ତ୍ରୀ ।

୩- ରାଏଜେ ପି.ଏମ୍. ଉଷା ଯୋଜ୍‌ନା ଲାଗୁ କର୍‌ବାର୍‌କେ ରାଜ୍ୟ ଉଚ୍ଚଶିକ୍ଷା ବିଭାଗ୍ ଆର୍ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଭିତ୍‌ରେ ସ୍ୱାକ୍ଷରିତ୍ ହେଲା ଚୁକ୍ତିପତ୍ର ।

ଆଉର୍

୪- ମହିଳାମାନ୍‌କର୍ ଉପ୍‌ରେ ଅତ୍ୟାଚାର୍ ଆର୍ ଅପ୍‌ରାଧ୍ କରୁଥିବା ଲୁକ୍‌କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ନିର୍ଦ୍ଦେଶ୍ ଦେଲେ ମୁଖ୍ୟମନ୍ତ୍ରୀ ।

ପ୍ରଧାନ୍‌ମନ୍ତ୍ରୀ-ଜିଲ୍ଲା ନ୍ୟାୟପାଳିକା-ରାଷ୍ଟ୍ରୀୟ ସମ୍ମିଳନୀ

ଆର୍‌ଏନ୍‌ୟୁ/ କଟକ୍

ଦେଶେ ମହିଳାମାନ୍‌କର୍ ଉପ୍‌ରେ ହେଉଥିବା ଅତ୍ୟାଚାର୍ ଆର୍ ଛୁଆମାନ୍‌କର୍ ସୁରକ୍ଷା ଏଛେନ୍ ଚିନ୍ତାର୍ ବିଷୟ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏଜ୍ ନୂଆଦିଲ୍ଲୀର୍ ଭାରତ୍ ମଣ୍ଡପମ୍ ନ ଜିଲ୍ଲା ନ୍ୟାୟପାଲିକାର୍ ୨ ଦିନିଆ ରାଷ୍ଟ୍ରୀୟ ସମ୍ମିଳନୀକେ ଉଦ୍‌ଘାଟନ୍ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ଯେ, ମହିଳାମାନ୍‌କର୍ କ୍ଷେତ୍ରଥି ହେଉଥିବା ଅତ୍ୟାଚାର୍ ସମ୍ବନ୍ଧିତ୍ ମାମ୍‌ଲା ମାନ୍‌କର୍ ଯେତ୍‌କି ଜଲ୍‌ଦି ସମାଧାନ୍ ହେଇପାର୍‌ବା ସେତେ ଜଲ୍‌ଦି ମହିଲାଙ୍କର୍ ସୁରକ୍ଷା ସୁନିଶ୍ଚିତ୍ କରାଯାଇପାର୍‌ବା । ଦେଶେ ମହିଳାମାନ୍‌କର୍ ସୁରକ୍ଷା ଲାଗି ନିୟମ୍ କରାଯାଇଥିଲେ ଭିଲ୍ ଇଟାକେ ଆହୁରି ସକ୍ରିୟ ଢଙ୍ଗେ ଲାଗୁ କର୍‌ବାର୍ ଦର୍‌କାର୍ ଅଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ । ଇ ଅବ୍‌ସରେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଟେ ଡାକ ଟିକଟ୍ ଆର୍ ସ୍ମାରକୀ ମୁଦ୍ରା ଉନ୍ମୋଚନ୍ କରିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ସୁପ୍ରିମ୍‌କୋର୍ଟର ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଭାରତୀୟ ଆଇନ୍ ବ୍ୟବସ୍ଥା ସହେତେ ଜୁଡ଼ି ହେଇଥିବା ନ୍ୟାୟପାଲିକାର୍ ଭିନ୍ ଭିନ୍ ଭୂମିକା ଉପ୍‌ରେ ଆଲୋକପାତ କରିଥିଲେ ।

ରାଜ୍ୟସ୍ତରୀୟ ସ୍ୱାୟତ ଶାସନ୍ ଦିବସ୍ ସମାରୋହ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରାଜ୍ୟର୍ ୩୦ ଟା ଜିଲ୍ଲା ନ ୧୧ ଶହ ୫୧ କୋଟି ଟଙ୍କାର ୪ ଶହ ୮୧ ଟା ଭିନ୍ ଭିନ୍ ଉନ୍ନୟନ୍‌ମୂଳକ୍ ପ୍ରକଳ୍ପର୍ ଲୋକାର୍ପଣ୍ ଆଉ ଭିତିପ୍ରସ୍ତର୍ ଥାପ୍‌ନା କରିଛନ୍ । ଇତାର୍‌ସହେତେ ମୁଖ୍ୟମନ୍ତ୍ରୀ ୨୭ ଝନ୍ ନୂଆଁକରି ନିଯୁକ୍ତ ହେଇଥିବା ପୌର ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଗୁଟେ ଗଣତାନ୍ତ୍ରିକ ରାଷ୍ଟ୍ର ନ ନାଗରିକ୍‌ମାନ୍‌କୁ ସ୍ୱାୟତ ଶାସନ୍ ଜରିଏ ମୌଳିକ୍ ସୁବିଧା ଯୁଗେଇ ଦେବାର୍ ଲାଗି ଶାସନ୍‌ଗତ ବ୍ୟବସ୍ଥା ରହିଛେ । ଇ ସ୍ୱାୟତ ଶାସନ୍ ବ୍ୟବସ୍ଥା ଦେଶ୍ ସ୍ୱାଧୀନ୍ ହେବାର୍ ବହୁତ୍ ଆଘୋନୁ ଲର୍ଡ୍ ରିପନ୍‌ଙ୍କର୍ ସମିଆନୁ ମୁଲ୍ ହେଇଥିଲା । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ ଯେ, ପୌରପାଳିକା ମାନ୍‌କେ ଭାରତ୍ ସର୍‌କାର୍‌ଙ୍କର୍ ତର୍‌ଫୁ ଜଲ୍‌ଜୀବନ୍ ମିଶନ୍ ଯୋଜ୍‌ନା ଜରିଏ ଫି’ ଘର୍‌କେ ପିଇବାର୍ ପାଏନ୍ ଯୁଗେଇ ଦେବାର୍ ଲାଗି ଲକ୍ଷ୍ୟ ରହିଛେ । ଆଏବା ଦିନେ ରାଜ୍ୟର୍ ସବୁ ସହର୍ ଇଲାକାର୍ ବିକାଶ୍ କରାଯିବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟ ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍

ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର ଅତିଥି ଭାବେ ଯୋଗ୍ ଦେଇଥିଲେ ।

ପି.ଏମ୍. ଉଷା ଯୋଜ୍ନା ଆର୍ଏନ୍ୟୁ/ସମ୍ବଲପୁର

ରାଏଜେ ଉଚ୍ଚଶିକ୍ଷାର୍ ଗୁଣାତ୍ମକ ମାନ ବଢ଼ାବାର୍ ଲାଗି ଜାତୀୟ ଶିକ୍ଷାନୀତିର ପ୍ରଧାନ୍ମନ୍ତ୍ରୀ - ଉଚ୍ଚତର ଶିକ୍ଷା ଅଭିଯାନ୍ - ପି.ଏମ୍. ଉଷା ଯୋଜ୍ନା ରାଏଜେ ଲାଗୁ ହେଇଛେ । ରାଜ୍ୟ କୃଷି ଭବନ୍ ନ ଆଏଜ୍ ଓଡ଼ିଶା ଉଚ୍ଚଶିକ୍ଷା ବିଭାଗ୍ ଆଉ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ଭିତ୍ରେ ଇଥିର୍ଲାଗି ଗୁଟେ ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ଇ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋର୍ ଦେଇକରି କହିଛନ୍ ଯେ, ଇ ଯୋଜ୍ନା ଲାଗୁ ହେବାର୍ନୁ ଶିକ୍ଷାର ନୂଆଁ ଭିତିଭୂମି ଆଉ ମାନବସମ୍ବଳର ବିକାଶ୍ ହେବା । ଇ ଯୋଜ୍ନା ଦକ୍ଷତା ବିକାଶ୍, ଗବେଷଣା, ନିଯୁକ୍ତି ଯୋଗ୍ୟ ଶିକ୍ଷାର୍ ବିକାଶ୍ଥି ସାହାଜ୍ ହେବା । ସେ ଆହୁରି କହିଛନ୍ ଯେ, ବିଶ୍ୱବିଦ୍ୟାଳୟମାନେ ଯେନ୍ତା ନିଜେ ନିଜ ଦ୍ୱାରା ପରିଚାଳିତ୍ ହେବେ ସେଥିର୍ଲାଗି ୟୁଜିସିର୍ ନିୟମ୍ ଅନ୍ସାରେ ସ୍ୱାୟତତା ବା ସ୍ୱାଧୀନତା ଦିଆଯିବା । ଏବ୍ତକ୍ ରାଜ୍ୟର୍ ଉପାନ୍ତ ଇଲାକା ନ ୧୮ ଟା ନୂଆଁ ସର୍କାରୀ ମହାବିଦ୍ୟାଳୟ ଖୁଲାଯାଇଛେ । ଆଦିବାସୀ ଭାଷାର୍ ସୁରକ୍ଷା ଆଉ ପ୍ରଚାର୍ ଲାଗି ୨୬ ଟା ଭାଷା

ପରୀକ୍ଷାଗାର ନିର୍ମାଣ୍ ଲାଗି ପଦକ୍ଷେପ୍ ନିଆଯାଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

ଇ କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଯୋଗ୍ ଦେଇକରି କହିଛନ୍ ଯେ, ଜ୍ଞାନ୍ ଆର୍ ପ୍ରତିଭା ହେଉଛେ ଓଡ଼ିଆ ପିଲାମାନ୍‌କର୍ ମୁଲ୍ ଆଧାର୍ । ଇତାର୍ ବିକାଶ୍ ହେଇପାର୍‌ଲେ ପିଲାମାନେ ବିଶ୍ୱସ୍ତର୍‌ଥି ନିଜର୍ ଦକ୍ଷତା ଦେଖେଇପାର୍‌ବେ ।

ଇ କାର୍ଯ୍ୟକ୍ରମ୍‌ଥି ରାଜ୍ୟର୍ ଭିନ୍ ଭିନ୍ କଲେଜ୍ ଆଉ ବିଶ୍ୱବିଦ୍ୟାଲୟର୍ ବିକାଶ୍ ଲାଗି ୫ ଶହ କୋଟି ଟଙ୍କା ଦିଆଯିବା । ଇଟା ହେବାର୍‌ନୁ ରାଜ୍ୟର୍ ୧ କୋଟି ଛାତ୍ରଛାତ୍ରୀ ବିଶ୍ୱସ୍ତରୀୟ ଶିକ୍ଷା ପାଇପାର୍‌ବେ ବଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ୍ କହିଛନ୍ ।

ଇ କାର୍ଯ୍ୟକ୍ରମ୍‌ଥି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍, ମୁଖ୍ୟ ଶାସନ୍ ସଚିବ ମନୋଜ୍ ଆହୁଜା, ଉଚ୍ଚଶିକ୍ଷା ବିଭାଗ୍‌ର ଶାସନ୍ ସଚିବ ଅରବିନ୍ଦ ଅଗ୍ରୱାଲ୍, କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର୍ ଅତିରିକ୍ତ ଶାସନ୍ ସଚିବ ସୁନୀଲ୍ କୁମାର୍ ବନ୍‌ୱାଲ୍ ଉପସ୍ଥିତ୍ ଥିଲେ ।

ଅଙ୍ଗନବାଡ଼ି କେନ୍ଦ୍ର- ଭଡ଼ା ଘର ଆର୍‌ଏନ୍‌ୟୁ/ କଟକ୍

ସାରା ରାଏଜେ ୪ ହଜାର୍ ୩ ଶହ ୭୫ ଟା ଅଙ୍ଗନବାଡ଼ି କେନ୍ଦ୍ର ଭଡ଼ା ଘରେ ଚାଲିଛେ ବଲି ବିଭାଗୀୟ ମନ୍ତ୍ରୀ ଆଉ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାନ୍‌ସଭା ନ ଇ ବାବଦ୍ ପ୍ରଶ୍ନର୍ ଉତର୍ ଦେଇକରି ଶ୍ରୀମତୀ ପରିଡ଼ା କହିଛନ୍ ଯେ, ଗାଁ ଇଲାକା ନ ୨ ହଜାର୍ ଟଙ୍କା ଆଉ ସହର୍ ଇଲାକା ନ ୬ ହଜାର୍ ଟଙ୍କା ରାଜ୍ୟ ସର୍‌କାର୍ ଭଡ଼ା ବାବ୍‌ଦେ ଦଉଛନ୍ ।

ମୁଖ୍ୟମନ୍ତ୍ରୀ-ମହିଳାଙ୍କର୍ ଉପ୍‌ରେ ହିଂସା ଆର୍‌ଏନ୍‌ୟୁ/ ସମ୍ବଲପୁର

ମହିଳାଙ୍କର୍ ଉପ୍‌ରେ ଯେନ୍‌ମାନେ ହିଂସା, ଅପରାଧ୍ ଆର୍ ଅତ୍ୟାଚାର୍ କରୁଥିବେ ସେମାନ୍‌କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ନେବାର୍ ଲାଗି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗୃହ ବିଭାଗ୍‌ର ଅତିରିକ୍ତ ମୁଖ୍ୟ ଶାସନ୍ ସଚିବ ଆର୍ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଏଫ୍‌ଆଇଆର୍ ପଞ୍ଜିକରଣ୍‌ନୁ ନେଇକରି ତଦନ୍ତ୍ ପ୍ରକ୍ରିୟାକେ ଜଲ୍‌ଦି କରାଯିବା । ଇତାର୍‌ସହେତେ ଦୋଷୀମାନ୍‌କର୍ ବିରୋଧ୍ ନ ମକଦ୍ଦମା ପରିଚାଳନାତକ୍ ସବୁ ନ୍ୟାୟିକ ପ୍ରକ୍ରିୟା ଆଇନ୍ ଅନ୍‌ସାରେ କରାଯିବା ଆର୍ ଦଣ୍ଡବିଧାନ୍‌କେ ସୁନିଶ୍ଚିତ୍ କର୍‌ବାର୍ ଲାଗି ସେ ନିର୍ଦ୍ଦେଶ୍ ଦେଇଛନ୍ । ସେଆଡ଼େ ମହିଳା ସୁରକ୍ଷାକେ ନେଇକରି ଖୋବ୍ ଜଲ୍‌ଦି ଗୁଟେ ରାଜ୍ୟସ୍ତରୀୟ ପୁଲିସ୍ ସମ୍ମିଳନୀ ଆୟୋଜନ୍ କରାଯିବା । ମହିଳାମାନ୍‌କୁ ନ୍ୟାୟ ଦେବାର୍‌ଥି

ଅବ୍‌ହେଲା କରୁଥିବା ପୁଲିସ୍ ଅଧିକାରୀଙ୍କର୍ ବିରୋଧ୍ ନ ଦୃଢ଼ କାର୍ଯ୍ୟାନୁଷ୍ଠାନ୍ ନେବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ ।

ସ୍ୱାୟତ ଶାସନ୍ ଦିବସ

ସମ୍ବଲ୍‌ପୁର/ ନୂଆପଡ଼ା/ ସୋନ୍‌ପୁର/ ଦେବ୍‌ଗଡ଼୍/ ବୌଦ୍ଧ

ସାରା ରାଏଜେ ଆଏଜ୍ ସ୍ୱାୟତ ଶାସନ୍ ଦିବସ୍ ପାଲନ୍ କରାଯାଉଛେ । ୧୯୯୨ ମସିହାଥି ପଂଚାୟତିରାଜ୍ ବ୍ୟବସ୍ଥା ତର୍‌ଫୁ ସ୍ୱାୟତ ଶାସନ୍ ବ୍ୟବସ୍ଥା ମୁଲ୍ ହେଇଥିଲା । ଇ ଦିବସ୍ ପାଲନ୍ ଅବ୍‌ସରେ ରାଜ୍ୟର୍ ଭିନ୍ ଭିନ୍ ପୌର ଇଲାକା ନ ଲୋକ୍‌ମାନ୍‌କର୍ କ୍ଷମତା ଆଉ ଅଧିକାର୍ ବାବ୍‌ଦେ ସଚେତନ୍‌ତା କରାବାର୍ ଲାଗି କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ ନ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ମୁଖ୍ୟ ଅତିଥି ଭାବେ ପଂଚାୟତ୍‌ରାଜ୍ ମନ୍ତ୍ରୀ ରବି ନାଏକ୍ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ପୁଲିସ୍ ଆଇ.ଜି. ଯୋଗ୍ ଦେଇକରି କହିଛନ୍ ଯେ, ଆଏବା ୬ ମାସ୍ ଭିତ୍‌ରେ ସହରର୍ ସବୁ ଜାଗା ନ ସିସିଟିଭି ଆଉ ଟ୍ରାଫିକ୍ ଲାଇଟ୍ ଲଗାଯିବା ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍‌ର କଲ୍ୟାଣ୍‌ମଣ୍ଡପ୍ ଠାନେ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ କାର୍ଯ୍ୟକ୍ରମ୍‌ଥି

ଖଡ଼ିଆଲ୍ ନଗର୍ ଅଧ୍ୟକ୍ଷ ଉଜ୍ଜ୍ୱଲ୍ ଗୁପ୍ତା ଅଧ୍ୟକ୍ଷତା କରିକରି କହିଥିଲେ ଯେ, ଖଡ଼ିଆଲ୍ ନଗର୍‌ର ବିକାଶ୍ ଆଉ ନିର୍ମଲ୍ ସହର୍ ଗଠନ୍ ଲାଗି କାମ୍ କରାଯାଉଛେ ।

ସୋନ୍‌ପୁର୍ ପୌର ପରିଷଦ୍ ସହେତେ ତର୍‌ଭା ଆର୍ ବିନ୍‌କା ବିଜ୍ଞାପିତ ଅଂଚଲ୍ ପରିଷଦ୍ କାର୍ଯ୍ୟାଳୟ ନ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ସୋନ୍‌ପୁର୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ପୌର ପରିଷଦ୍ ଅଧ୍ୟକ୍ଷା ତାମସୀ ତମସ୍ମିତା ନାଏକ୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ସୋନ୍‌ପୁର୍ ସହର୍ ଇଲାକାକେ ସ୍ୱଚ୍ଛ ଆର୍ ସୁନ୍ଦର୍ ରଖ୍‌ବାର୍‌କେ ଜନସହଭାଗିତା ଉପ୍‌ରେ ସେ ଗୁରୁତ୍ୱ ଦେଇଛନ୍ ।

ଦେବ୍‌ଗଡ଼୍ ପୌର ପରିଷଦ୍ ନ ହେଇଥିବା କାର୍ଯ୍ୟକ୍ରମ୍‌ଥି ପୌର ପରିଷଦ୍‌ର ଅଧ୍ୟକ୍ଷା ଶାନ୍ତିମଞ୍ଜରୀ ଦେଇ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ କାର୍ଯ୍ୟକ୍ରମ୍‌ଥି ସଫେଇ କର୍ମଚାରୀମାନ୍‌କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ବୌଦ୍ଧ ବିଜ୍ଞାପିତ ପରିଷଦ୍ ଅଂଚଲ୍‌ର ଭିକାରୀ କଳାମଣ୍ଡପ୍ ଠାନେ ସ୍ୱାୟତ ଶାସନ୍ ଦିବସ୍ ପାଲିତ୍ ହେଇଯାଇଛେ । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ଯୋଗ୍ ଦେଇକରି ସହରର୍ ବିକାଶ୍ ଲାଗି ପୌର କର୍ମଚାରୀମାନ୍‌କର୍ ସାଙ୍ଗେ ସାଧାରଣ ଲୁକ୍‌କର୍ ଗୁରୁଦାୟିତ୍ୱ ରହିଛେ ବଲି କହିଛନ୍ ।

ଛତୁଆର୍ ମାନ ଯାଂଚ ଆର୍ଏନ୍ୟୁ/ କଟକ୍

ରାଜ୍ୟର୍ ଅଙ୍ଗନବାଡ଼ି କେନ୍ଦ୍ରମାନ୍କେ ପିଲାମାନ୍କୁ ଦିଆଯାଉଥିବା ଛତୁଆର୍ ମାନ ଯାଂଚ୍ ଲାଗି ରାଜ୍ୟ ସର୍କାର୍ଙ୍କର୍ ତର୍ଫୁ ପଦକ୍ଷେପ୍ ନିଆଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ବିଧାନ୍ସଭା ନ ଆଏଜ୍ ବିରୋଧୀ ଦଲ୍ ତର୍ଫୁ ଇ ବାବଦ୍ ଦାବିର୍ ଉତର୍ଥି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଛତୁଆର୍ ମାନ ଯାଂଚ୍ ଲାଗି ବିଭାଗ୍ ସ୍ତର୍ଥି ଗଠିତ୍ ଯାଂଚ୍ କମିଟି ଆର୍ ମାତୃକମିଟି ତର୍ଫୁ ସବୁବେଲେ ପରୀକ୍ଷଣ୍ କରାଯାଉଛେ । ସାରା ରାଏଜେ ଛତୁଆର୍ ମାନ ଆଉ ଗୁଣ ଯାଂଚ୍ ଲାଗି ପଦକ୍ଷେପ୍ ନିଆଯିବା । ଯାଂଚ୍ ରିପୋର୍ଟ ଗୃହ ନ ଉପସ୍ଥାପନ୍ କରାଯିବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ବିଚାର୍ପତି ପଦ୍ବୀ-ଆଇନ୍ମନ୍ତ୍ରୀ ଆର୍ଏନ୍ୟୁ/ କଟକ୍

ରାଏଜେ ଶହେ ୯୫ ଟା ବିଚାର୍ପତି ପଦ୍ବୀ ଖାଲି ପଡ଼ିଛେ ବଲି ଆଇନ୍ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍ସଭା ନ ଆଏଜ୍ ଇ ବାବଦ୍ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ସୁପ୍ରିମ୍କୋର୍ଟ ଆର୍ ହାଇକୋର୍ଟଙ୍କର୍ ନିର୍ଦ୍ଦେଶ୍ନାମା ଆଧାର୍ଥି ଇ ପଦ୍ବୀ ମାନ୍କୁ ଖୋବ୍ ଜଲ୍ଦି ପୁରଣ୍ କରାଯିବା ।

ଅଗ୍ନିଶମ ବିଭାଗ କର୍ମଚାରୀ ମୃତ୍ୟୁ ସମ୍ବଲପୁର୍ ସମ୍ବାଦଦାତା

ସମ୍ବଲ୍ପୁର୍ ମାଝୀପାଲି ଠାନେ ଥିବା ଅଗ୍ନିଶମ ବିଭାଗ୍ ରେଞ୍ଜ୍ କାର୍ଯ୍ୟାଲୟର୍ ଝନେ କର୍ମଚାରୀଙ୍କର୍ ଆଏଜ୍ ଆକସ୍ମିକ୍ ମୃତ୍ୟୁ ହେଇଛେ । ଇ କର୍ମଚାରୀ ଝନ୍କ ମାଝୀପାଲିର କାର୍ଯ୍ୟାଲୟ ନ ଥିବାର୍ ବେଲେ ହଠାତ୍ ଅସୁସ୍ଥ ହେଇପଡ଼ିଥିଲେ । ତାଙ୍କୁ ସାଙ୍ଗେସାଙ୍ଗ୍ ଜିଲ୍ଲା ହସ୍ପିଟାଲ୍କେ ନିଆଯାଇଥିଲେ ଭିଲ୍ ସେନ ଡାକ୍ତର୍ ତାଙ୍କୁ ମୃତ ଘୋଷ୍ନା କରିଛନ୍ ।

ବିଷାକ୍ତ ମଦ୍ ମୃତ୍ୟୁ ଆର୍ଏନ୍ୟୁ/ କଟକ୍

୧୯୯୨ ମସିହାଠାନୁ ଏବ୍ତକ୍ ବିଷାକ୍ତ ମଦ୍ ପିଇକରି ହେଇଥିବା ମୃତ୍ୟୁ ସଂଖ୍ୟା ୨ ଶହ ୩୧ ହେଇଛେ ବଲି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ କହିଛନ୍ । ବିଧାନ୍ସଭା ନ ଇ ବାବଦ୍ ପ୍ରଶ୍ନର୍ ଉତର୍ ଦେଇକରି ସେ କହିଛନ୍ ଯେ, ୧୯୯୨ ମସିହାଥି କଟକ୍ ନ ସବୁନୁ ଅଏତ୍କା ଶହେ ୩୪ ଝନ୍ ଆଉ ୨୦୧୨ ମସିହାଥି ଭୁବ୍ନେଶ୍ୱର୍ ଉପକଣ୍ଠ ଟୁକୁଲିପଡ଼ା ନ ୪୧ ଝନ୍କର୍ ଜୀବନ୍ ଯାଇଥିଲା । ଗାଁ ଇଲାକା ନ ୪ ଶହ ୩୩ ଟା ଦେଶୀ ମଦ୍ ଭାଟି ରହିଛେ । ମଦ୍ୟପମାନ୍କର୍

ଲାଗି ବୀମା କି ସ୍ୱାସ୍ଥ୍ୟବୀମା ଯୋଜ୍‌ନାର୍ କେନ୍‌ସି ପ୍ରସ୍ତାବ୍ ନାଇଁନ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ ସ୍ୱଷ୍ଟ କରିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମ କେନ୍ଦ୍ରୀୟ ଆଉ ଇତାକେ ଲାଗିକରିଥିବା ଉତର୍ ପଶ୍ଚିମ ବଙ୍ଗୋପ୍‌ସାଗର୍‌ର ଉତର୍ ଆନ୍ଧ୍ରପ୍ରଦେଶ୍ ଆଉ ଦକ୍ଷିଣ ଓଡ଼ିଶା ଉପକୂଲ୍ ଉପ୍‌ରେ ହେଇଥିବା ଲଘୁଚାପ୍ ଆଏଜ୍ ସଖାଲେ ଅବପାତଥି ପରିଣତ୍ ହେଇଛେ । ଇତାର୍‌ପ୍ରଭାବ୍‌ଥି ଆଏବା ୩ ଦିନ୍‌ତକ୍ ରାଜ୍ୟର୍ ବହୁତ୍‌ଟେ ଜାଗା ନ ବର୍ଷା ହେବା । ଆଏବା କାଏଲ୍ କଲାହାଣ୍ଡି, ନୂଆପଡ଼ା, ମାଲ୍‌କାନ୍‌ଗିରି, କୋରାପୁଟ୍ ଆର୍ ନବରଙ୍ଗ୍‌ପୁର୍ ଜିଲ୍ଲା ନ ଜବର୍ ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସୂଚ୍‌ନା ମିଲିଛେ ।